# ସ୍ନାନବେଦୀରେ ମହାପ୍ରଭୁ


ବିଷମ କଟକ


ଗୁଣପୁର


ଜୟପୁର


ମାଲକାନଗିରି


ମୁନିଗୁଡ଼ା


ନବରଙ୍ଗପୁର


ଦାମନଯୋଡି


ଡାବୁଗାଁ


ଉମରକୋଟ

## ଟ୍ରାକ୍ଟର ଓଲଟି ଜଣେ ମୃତ

ପାପଡ଼ାହାଣ୍ଡି,୧୪।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚନ୍ଦ୍ରପୁର ପଞ୍ଚାୟତ ସଦର ମହକୁମାରୁ ଭଗତଗୁଡା ରାସ୍ତାରେ ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଚନ୍ଦ୍ରପୁରର ସାଇବ ମାଝି। ସାଇବ ଏକ ନମ୍ବର ବିହୀନ ଟ୍ରାକ୍ଟରରେ ଡ୍ରାଇଭର ଯଦୁଙ୍କ ସହ ଭଗତଗୁଡାରୁ ଚନ୍ଦ୍ରପୁର ଆଡ଼କୁ ଫେରୁଥିଲେ। ଏହି ସମୟରେ ରାସ୍ତାରେ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି ଓଲଟି ପଡିଥିଲା। ଏଥିରେ ସାଇବ ଗୁରୁତର ହୋଇଥିଲେ। ଡ୍ରାଇଭର ଯଦୁ ନିକଟସ୍ଥ ଗ୍ରାମବାସୀଙ୍କ ସହାୟତାରେ ସାଇବଙ୍କୁ ଉଦ୍ଧାରକରି ପାପଡ଼ାହାଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡୁମର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭକରି ଟ୍ରାକ୍ଟରଟିକୁ ଉଦ୍ଧାର କରିଛି। ଟ୍ରାକ୍ଟର ରେଜିଷ୍ଟ୍ରେଶନ ହୋଇ ନ ଥିବା ଜଣାପଡିଛି।

## ମିଳୁନି ଉତ୍ତମ ଚିକିତ୍ସା, ଆନ୍ଧ୍ର ଉପରେ ନିର୍ଭରଶୀଳ ଜିଲାବାସୀ

ରାୟଗଡ଼ା ଅଫିସ, ୧୪।୬

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଉତ୍ତମ ଚିକିତ୍ସା ଓ ପରୀକ୍ଷା ନିମନ୍ତେ ଦାବି ଉଠାଇଛି ରାୟଗଡ଼ା ଜିଲା ବିକାଶ ମଞ୍ଚ। ସଭାପତି ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଏଡିଏମ୍‌ଓ ଡା. ବରଦାକାନ୍ତ ମିଶ୍ରଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି।

ରାୟଗଡ଼ା ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଜିଲାବାସୀ ଉତ୍ତମ ଚିକିତ୍ସା ପାଇଁ ନିର୍ଭର କରନ୍ତି। କିନ୍ତୁ ଜିଲା ଚିକିତ୍ସାଳୟରେ ସମସ୍ତ ପ୍ରକାର ପରୀକ୍ଷଣ ସରଞ୍ଜାମ ଓ ଡାକ୍ତରଙ୍କ ଅଭାବ ଯୋଗୁ ଜିଲାର ରୋଗୀ ପ୍ରକୃତ


ଦାବିପତ୍ର ପ୍ରଦାନ କରାଯାଉଛି।

ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଉପରେ ଜିଲାବାସୀ ଚିକିତ୍ସା ପାଇଁ ନିର୍ଭରକରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଖାଲି ପଡ଼ିଥିବା ସମସ୍ତ ଡାକ୍ତରୀ ପଦବୀ ପୂରଣ, ଏମ୍‌ଆର୍‌ଆଇ, ସିଟିସ୍କାନ୍, ଅଲ୍‌ଟ୍ରା ସାଉଣ୍ଡ, ଇଣ୍ଡୋସ୍କୋପି ଓ ଡାଏଲିସିସ୍ ସୁବିଧା ଯୋଗାଇଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ରାୟଗଡ଼ା ଜିଲା ବିକାଶ ମଞ୍ଚର ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ସୁରେଶ ସାହୁ, ଉପଦେଷ୍ଟା ସାରଥି ପଟ୍ଟନାୟକ, ସଭ୍ୟ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ରାୟଗଡ଼ା ଜିଲା ବିକାଶ ମଞ୍ଚର ଦାବିପତ୍ର**

- ଡାକ୍ତର ନିଯୁକ୍ତି କରାଯାଉ
- ଅଲ୍‌ଟ୍ରାସାଉଣ୍ଡ, ଡାଏଲିସିସ୍ ସୁବିଧା ଯୋଗାଣ ଉପରେ ଗୁରୁତ୍ୱ

## ଚୋରି ମୋବାଇଲ ମରାମତି ପାଇଁ ଦେଇ ଧରାପଡ଼ିଲେ ଅଭିଯୁକ୍ତ

ଉମରକୋଟ, ୧୪।୬(ସ୍ୱ.ପ୍ର.)

କଳା ମୁଖା ପିନ୍ଧି ଡକାୟତି କରି ଲୋକଙ୍କ ମନରେ ଭୟ ସୃଷ୍ଟି କରିଥିବା ଦୁର୍ବୃତ୍ତଙ୍କୁ ଉମରକୋଟ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଉମରକୋଟର ଅରୁଣ ହରିଜନ, ବାସୁ ହରିଜନ, ଅଭିନାଶ ହରିଜନ ଓ ଅଜୟ ହରିଜନ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ତାଙ୍କ ଘରୁ ଅଭିଯୁକ୍ତଙ୍କ ବାଇକ୍ ଜବତ କରି ଆଣିଛି।

ସୂଚନାନୁଯାୟୀ, ୨୪ ଏପ୍ରିଲ ରାତିରେ ରାଜାମୁଣ୍ଡା ଗ୍ରାମର ଯୋଗେଶ ସାହୁ ଘରକୁ ଫେରିବାବେଳେ ୫ଜଣ କଳା ମୁଖା ପିନ୍ଧା ଯୁବକ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଯୋଗେଶ ମନା କରିବାରୁ ସେମାନେ ମାଡ଼ମାରି ହଜାରେ ଟଙ୍କା, ବାଇକ ଓ ଯୋଗେଶଙ୍କ ମୋବାଇଲ ନେଇ ପଳାଇଥିଲେ। ଯୋଗେଶ ତୁରନ୍ତ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଉମରକୋଟ ଅତିରିକ୍ତ ଥାନାଧିକାରୀ ଲିମାରାଜ ପ୍ରଧାନ ଏହାର ତଦନ୍ତ ଆରମ୍ଭ କରିଥିଲେ। କିଛିଦିନ ବ୍ୟବଧାନ ପରେ ଚୋରି ହୋଇଥିବା ମୋବାଇଲଟି ଖରାପ ହେବାରୁ କୋଣ୍ଡାଗାଁ ରୋଡ୍‌ରେ ଥିବା ଏକ ମୋବାଇଲ ଦୋକାନରେ ମରାମତି ପାଇଁ ଅଭିଯୁକ୍ତମାନେ ଦେଇଥିଲେ। ଦୋକାନୀ ମରାମତି କରିସାରିବା ପରେ ଏହାର ଟ୍ରାଇଲ ପାଇଁ ନିଜ ସିମ୍‌କାର୍ଡ ଏଥିରେ ପକାଇଥିଲେ। ପୋଲିସ ମୋବାଇଲ ଟ୍ରାକ୍ କରି କରି ଦୋକାନୀଙ୍କ ନିକଟରେ ପହଞ୍ଚିଥିଲେ। ଦୋକାନୀଙ୍କୁ ପଚରାଉଚରା କରିଥିଲେ। ଅଭିଯୁକ୍ତଙ୍କ ବିଷୟରେ ତଥ୍ୟ ସଂଗ୍ରହକରି ସେମାନଙ୍କୁ ଗିରଫ କରାଯାଇଥିଲା। ଯୋଗେଶଙ୍କୁ ବାଇକ ଓ ମୋବାଇଲ ଫେରାଇ ଦିଆଯାଇଛି ବୋଲି ଉମରକୋଟ ପୋଲିସ ସୂଚନା ଦେଇଛି।

## ବାଦ୍ୟ, ନୃତ୍ୟ, ଆତସବାଜିରେ ସରିଲା ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା

ପାପଡାହାଣ୍ଡି,୧୪।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡିର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଦୀର୍ଘ ନଅ ଦିନ ଧରି ମା'ଙ୍କ ଘଟ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଶେଷ ଦିନରେ ମାଝିଗୁଡା ଗ୍ରାମକୁ ଯାଇଥିଲା। ଅପରାହ୍ନ ୫ଟାରେ ହଜାର ହଜାର ଭକ୍ତଙ୍କ ସମାଗମ ମଧ୍ୟରେ ବାଦ୍ୟ ନୃତ୍ୟ ଓ ଆତସ ବାଜି ଭିତରେ ମା' ଙ୍କ ତିନି ଗୋଟି ଘଟ ବାହାରିଥିଲା। ସହରର ମୁଖ୍ୟ ରାସ୍ତା ଏହି ଅବସରରେ ଲୋକାରଣ୍ୟ ହୋଇ ଉଠିଥିଲା। ଶହ ଶହ ମାନସିକଧାରି ମୁଣ୍ଡରେ କଳସ ଧରି ଘଟ ସହ ବାହାରିଥିଲେ। ଲୋକମାନେ ଘଟକୁ ପୁଷ୍ପ ନାରିକେଳ ଝୁଣା ଆଦି ଦେଇ ପୂଜା କରିଥିଲେ। ମାଝିଗୁଡା ଗ୍ରାମ ପହଞ୍ଚିବା ପରେ ଠାକୁରାଣୀ ମନ୍ଦିର ନିକଟରେ ଘଟ ଅବତରଣ କରାଯାଇଥିଲା। ସେଠାରେ ଏକ ବଜାର ବସିଥିଲା। ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ଯଶବନ୍ତ ନାୟକ, ସରପଞ୍ଚ ଚନ୍ଦ୍ର ଶେଖର ମାଝି, ବି ଜଗନ ମୋହନ ରାଓ, ଜି.ଅନନ୍ତ ମୂର୍ତ୍ତି, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ଲାଗି ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ରାତିରେ ଲୋକଙ୍କ ମନୋରଞ୍ଜନ ଲାଗି ଦେଶିଆ ନାଟର ଆୟୋଜନ କରାଯାଇଛି।


ମା'ଙ୍କ ତିନୋଟି ଘଟ ନଗର ପରିକ୍ରମା କରୁଛି।

## ଦୋଳି, ପିଠାପଣାରେ କଟିଲା ପହିଲି ରଜ

ପାପଡ଼ାହାଣ୍ଡି/ଗୁଣପୁର,୧୪।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସେମଳାରେ ମଙ୍ଗଳବାର ପହିଲି ରଜ ପାଳିତ ହୋଇଯାଇଛି। ସେମଳା ସରପଞ୍ଚ ଟଙ୍କଧର ଭତ୍ରା ଏବଂ ଗ୍ରାମର ସମସ୍ତ ଲୋକଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧକ୍ଷ ମୋତିରମ ନାୟକ, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଜୋନ୍-୧ ଜିଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମରେ ଅତିଥିମାନଙ୍କୁ ଦୋଳିରେ ଝୁଲା ଯାଇଥିଲା। ଉପସ୍ଥିତ ଗ୍ରାମବାସୀଙ୍କୁ ରଜର ଶୁଭେଚ୍ଛା ଜଣାଇ ଦିଆଯାଇଥିଲା। ଗ୍ରାମବାସୀ ବିଭିନ୍ନ ପ୍ରକାର ମିଠା ପିଠା ଆଦିର ଆୟୋଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁଳସା ଭତ୍ରା, ରାମ ମିରଗାନ, ବ୍ଲକ ବିଜେଡି ଯୁବ ସଭାପତି ତ୍ରିନାଥ ଲେଙ୍କା, ପୂର୍ଣ୍ଣ ପାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୁନିକୁନି ପିଲାମାନେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।


ରଜରେ ଉପସ୍ଥିତ ଅତିଥିମାନେ।


ଗୁଣପୁରରେ ପିଲାମାନେ ରଜ ଦୋଳି ଖେଳୁଛନ୍ତି।

ସେହିପରି ରାୟଗଡ଼ା ଜିଲା ଗୁଣପୁର ସହର ଏବଂ ଏହାର ଆଖପାଖ ଅଞ୍ଚଳ ପହିଲି ରଜ ଉପଲକ୍ଷେ ଉତ୍ସବ ମୁଖର ଓ ଚଳଚଞ୍ଚଳ। ଓଡିଶାର ଗଣପର୍ବ ରଜର ମଙ୍ଗଳବାର ପ୍ରଥମ ଦିନ। ଏହି ପର୍ବକୁ ୪ ଦିନ ବ୍ୟାପି ପାଳନ କରାଯାଇଥାଏ। କରୋନା ମହାମାରୀ ପାଇଁ ଗତ ଦୁଇ ବର୍ଷହେବ ରଜ ପାଳନ ଫିକା ପଡିଥିଲା। କରୋନା ପରିସ୍ଥିତିରେ ସୁଧାର ଆସିବା ପରେ ବିନା କଟକଣାରେ ରଜ ଆଡମ୍ବର ସହକାରେ ପାଳନ କରାଯାଇଛି। ସେବାସମାଜ, ଲିମାମେଡା ଆଦି ସ୍ଥାନରେ ରଜ ପାଳନ କରାଯାଇଛି। ଏଥି ଲାଗି କୁଆଁରି ଝିଅମାନେ ନୂଆ ପୋଷାକ ପିନ୍ଧିବା ସହ ପାଦରେ ଅଳତା ଲାଗାଇଥିଲେ। ରଜ ଗୀତ ଗାଇ ଦୋଳି ଝୁଲୁଥିଲ। ଘରେଘରେ ମିଠା ପାନ ଖିଲସାଙ୍ଗଙ୍କୁ ପୋଡ ପିଠା, ଚକୁଳି ପିଠା, ଆମ୍ବ,ପଣସ ଓ ସପୁରୀର ଆସର ଜମିଥିଲା।

## ସଂକ୍ଷେପରେ

### ରାହୁଲଙ୍କ ପାଇଁ ମାଲକାନଗିରିରେ ପୂଜାର୍ଚ୍ଚନା



ମାଲକାନଗିରି,୧୪।୬ (ଡି.ଏନ.ଏ.)- ଛତିଶଗଡର ଏକ ନଳକୂପ ଗର୍ତ ମଧ୍ୟରେ ଖସି ଫଶି ରହିଥିବା ରାହୁଲଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ମାଲକାନଗିରିରେ କେତେକ ମହିଳା ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ପିରହିଡ ଗ୍ରାମରେ ଗତ ୪ ଦିନ ତଳେ ୧୧ବର୍ଷୀୟ ନାବାଳକ ରାହୁଲ ଖେଳୁଥିବା ବେଳେ ଗର୍ତ୍ତ ଭିତରକୁ ଖସି ପଡିଥିଲେ। ଏହା ଜାଣିବା ପରେ ସ୍ଥାନୀୟ ପ୍ରଶାସନ ରାହୁଲଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି। ରାହୁଲଙ୍କୁ ସୁରକ୍ଷିତ ରୂପେ ଉଦ୍ଧାର ଲାଗି ମାଲକାନଗିରି ଜିଲାରେ ଠାକୁରଙ୍କ ପାଖରେ କେତେକ ମହିଳା ପୂଜାର୍ଚ୍ଚନା କରି ଦୀପ ଜାଳିଛନ୍ତି। ଜିଲା ସଦର ମହକୁମାର ନୂଆଗୁଡା ସାହିର କେତେକ ମହିଳା ମଧ୍ୟ ରାହୁଲଙ୍କ ପାଇଁ ପୂଜାର୍ଚ୍ଚନା କରିଛନ୍ତି।

ଫଟୋ: ରାହୁଲଙ୍କ ପାଇଁ ଜଣେ ମହିଳା ପୂଜାର୍ଚ୍ଚନା କରୁଛନ୍ତି।

### ହତ୍ୟା ମାମଲାରେ ଜଡ଼ିତ ଫେରାର ଅଭିଯୁକ୍ତ ଗିରଫ



ଜୟପୁର, ୧୪।୬ (ନି.ପ୍ର.)- ଏକ ହତ୍ୟା ମାମଲାରେ ଜଡିତ ଥାଇ ଦୀର୍ଘଦିନ ହେଲେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଜୟପୁର ଟାଉନଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ କୁସୁମପୁଟ ଗ୍ରାମର ଅର୍ଜୁନ ଖରା (୩୬)। ୨୦୨୨ରେ ସେ ଏକ ହତ୍ୟା ମାମଲାରେ ଜଡିତ ଥିବା ନେଇ ଅଭିଯୋଗ ହୋଇଥିଲା। ତାଙ୍କୁ ଗିରଫ କରିବା ଲାଗି ତାଙ୍କ ନାମରେ ପୂର୍ବରୁ ୱାରେଣ୍ଟ ଜାରି ହୋଇଥିଲାତେବେ ସେ ଗ୍ରାମରେ ଥିବା ସୂଚନା ପାଇ ପୋଲିସ ତାଙ୍କୁ ଗ୍ରାମରୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ପଡିଆ,୧୪।୬(ଡି.ଏନ.ଏ.)-ପଡିଆ କଲେଜରୁ ୨ଟି ଫ୍ୟାନ ଓ ଗୋଟିଏ ସିସି କ୍ୟାମେରା ଚୋରି ହୋଇଥିବା ନେଇ ନିକଟରେ କଲେଜ ଅଧକ୍ଷ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ୮୭/୨୧ରେ ମାମଲା ରୁଜୁ କରି ତଦନ୍ତ ଚାଳଇଥିଲା। ଏହାର ତଦନ୍ତ କରି ପୋଲିସ ଚୋରିରେ ସମ୍ପୃକ୍ତ ଥିବା ପଡିଆ ଅଞ୍ଚଳର ଜଣେ ଯୁବକ ସମୃତି ଭାସ୍କରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର ଏହି ମାମଲାର ଶୁଣାଣି ହୋଇଥିଲା। ସାକ୍ଷ୍ୟ ପ୍ରମାଣ ଅଭାବରୁ ସମୃତିଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସମୃତିଙ୍କ ପକ୍ଷରୁ ଆଇନଜୀବୀ ହିରୋଜ କୁମାର ପାଣିଗ୍ରାହୀ ମାମଲା ଲଢୁଥିବା ବେଳେ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ କୁମାର ତନ୍ତୀ ମାମଲା ଲଢୁଥିଲେ। ସୂଚନାଯୋଗ୍ୟ, ଏହି ଘଟଣାରେ ସମୃତିଙ୍କୁ ଅଦାଲତ ଜାମିନ ଦେଇଥିଲେ ସୁଦ୍ଧା ତାଙ୍କୁ ଜାମିନରେ ନେବାକୁ କେହି ଆସି ନ ଥିଲେ। ଫଳରେ ସେ ଜେଲ୍‌ରେ ହିଁ ରହିଥିଲେ। ଏବେ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିବାରୁ ୬ମାସ ପରେ ନିଜ ଘରକୁ ଫେରିବେ।

# ହାତୀବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

କୋରାପୁଟ, ୧୪।୬ (ସ୍ୱ.ପ୍ର.)

କରୋନା କଟକଣା ଯୋଗୁ ଗତ ୨ ବର୍ଷ ଧରି ନିରାଡମ୍ବରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ହୋଇ ଆସୁଥିଲା। ଚଳିତ ବର୍ଷ ସେ ପ୍ରତିବନ୍ଧକ ନ ଥିବାରୁ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ମଙ୍ଗଳବାର ଦେବସ୍ନାନ ପୂର୍ଣ୍ଣିମା ମହାଆଡମ୍ବର ସହକାରେ ପାଳିତ ହୋଇଛି। ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ୧୦୮ କଳସ ଜଳରେ ସ୍ନାନ କରିଛନ୍ତି।ପୂର୍ବ ନିର୍ଦ୍ଧାରିତ ନୀତି ଅନୁଯାୟୀ ମଙ୍ଗଳବାର ପୂର୍ବାହ୍ନ ୯ଟା୫୦ ସୁଦ୍ଧା ତିନିଠାକୁରଙ୍କ ସ୍ନାନ ପାଇଁ ମନ୍ଦିର ପରିସରରେ ଥିବା ସୁନାକୁଅରୁ ୧୦୮ କଳସ ପାଣି ଅଣାଯାଇ ସ୍ନାନ ମଣ୍ଡପରେ ରଖିଥିଲା। ୧୦ଟାରେ ଠାକୁରଙ୍କ ପହଣ୍ଡି କାର୍ଯ୍ୟ ଆରମ୍ଭ ହୋଇ ପ୍ରଥମେ ସୁଦର୍ଶନ, ବଡଠାକୁର ଶ୍ରୀବଳଭଦ୍ର, ମା'ସୁଭଦ୍ରା ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନବେଦୀରୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ପରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଗୁଆ, ଚନ୍ଦନ, କର୍ପୁର ପକାଇ ଅଧିବାସ କରାଯାଇଥିବା ୧୦୮ କଳସ ଜଳରେ ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନ କରାଯାଇଥିଲା। ଅପରାହ୍ଣ ୧.୫୦ରେ ତିନିଠାକୁର ହାତୀବେଶ ପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ



ଶାବର ଶ୍ରୀକ୍ଷେତ୍ର ସ୍ନାନ ମଣ୍ଡପରେ ଶ୍ରୀ ଜୀଉ ।

ଦେଇଥିଲେ। ଠାକୁରଙ୍କ ଏହି ଦିବ୍ୟ ରୂପ ଦର୍ଶନ କରିବା ଲାଗି ଶାବର ଶ୍ରୀକ୍ଷେତ୍ରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ରାତ୍ର ୧୦ଟ ସୁଧା ଠାକୁରଙ୍କୁ ଅଣସର ଘରକୁ ନିଆଯିବ ବୋଲି ମନ୍ଦିର ପରିଚାଳନା କମିଟି

**ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା**

ସମ୍ପାଦକ ଜଗବନ୍ଧୁ ସାମଲ କହିଛନ୍ତି। ଏହି ସମୟରେ କମିଟିର ଲଳିତ ମୋହନ ପଟ୍ଟନାୟକ, ଅରୁଣ ଦାସ, ତ୍ରିନାଥ ପାତ୍ର, ଭୀମସେନ ଜେନା, ଏସ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ କରାଯାଇଥିଲା ।

# ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର

ମାଲକାନଗିରି, ୧୪।୬ (ଡି.ଏନ.ଏ.)



ଉଦ୍ଧାର ହୋଇଥିବା ମହିଳା।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ୧୧୯ କଲୋନି ନିକଟରେ ୩ଦିନ ଧରି ରାସ୍ତା ପାର୍ଶ୍ୱରେ ପଡି ରହିଥିବା ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ମଙ୍ଗଳବାର ପ୍ରଶାସନ ଉଦ୍ଧାର କରିଛି। ସେ ଠିକ୍ ରୂପେ କଥା କହିପାରୁନାହାନ୍ତି କି ନିଜ ପରିଚୟ ମଧ୍ୟ ଦେଇପାରୁନାହାନ୍ତି। ସାମାଜିକ ଗଣମାଧ୍ୟମରୁ ମହିଳାଙ୍କ ସମ୍ପର୍କରେ ଜିଲା ପ୍ରଶାସନ ଜାଣିବା ପରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ସିଭିଲ ଜଜ୍ ରାକେଶ ମୁଦୁଲି ତୁରନ୍ତ ସମ୍ପୃକ୍ତା ମହିଳାଙ୍କୁ ଉଦ୍ଧାର ନେଇ ପଦକ୍ଷେପ ନେଇଥିଲେ। ସେ ଏନେଇ ଜିଲାର ୱାନ୍‌ଷ୍ଟପ୍ ସଂସ୍ଥାକୁ ଜଣାଇଥିଲେ। ସଂସ୍ଥା ପକ୍ଷରୁ ଅଧିକାରୀ ନୀଲୋପରଙ୍କ ସହ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ତାଙ୍କୁ ସ୍ୱଧାର ଗୃହକୁ ପଠା ଯାଇଛି। ସେଠାରେ ତାଙ୍କର ରହିବା, ଖାଇବା ଓ ଚିକିତ୍ସା ବ୍ୟବସ୍ଥା କରାଯିବ। କିଛିଦିନ ମଧ୍ୟରେ ସେ ସୁସ୍ଥ ନ ହେଲେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ କିମ୍ବା ଅନ୍ୟ ଚିକିତ୍ସାଳୟକୁ ନିଆଯିବ ବୋଲି ନୀଲୋପର କହିଛନ୍ତି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୃକ୍ଷରୋପଣ



ସଂଘ ପକ୍ଷରୁ ବୃକ୍ଷରୋପଣ କରାଯାଉଛି।

ମାଲକାନଗିରି, ୧୪।୬ (ଡି.ଏନ.ଏ.)

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବରୁ ସଂଘ ଉପସଭାପତିନବ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଏଥିରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋୟୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସଂଘ ସମ୍ପାଦକ ରବୀନ୍ଦ୍ର ମହାରଣା, ପୂର୍ବତନ ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସଦସ୍ୟ ବାଲାରାଜୁ ପାଢୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ପରିବେଶ ଦୂଷିତ ହେବାରେ ଲାଗିଛି। ଏଥିପାଇଁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଜନଜୀବନକୁ ଅତିଷ୍ଠ କରୁଛି। ତେଣୁ ବୃକ୍ଷ ହିଁ ଜୀବନ, ଏହାର ବିକଳ୍ପ ନାହିଁ। ସମସ୍ତେ ନିଜ ସାମର୍ଥ୍ୟ ଅନୁସାରେ ଅବସର ସମୟରେ ବୃକ୍ଷରୋପଣ କରିବା ପାଇଁ ବିଶୋୟୀ ପରାମର୍ଶ ଦେଇଥିଲେ। ଯେଉଁ ସଂସ୍ଥା ଚାରାରୋପଣ କରିବେ, ସେମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଉତ୍ତମ ମାନର ଚାରା ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ।

# ବିଶ୍ୱ ରକ୍ତଦାତା ଦିବସ ଅବସରରେ ଶୋଭାଯାତ୍ରା

ଜୟପୁର, ୧୪।୬ (ନି.ପ୍ର.)

ବିଶ୍ୱ ରକ୍ତଦାତା ଦିବସ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଏକ ସଚେତନେତା ଶୋଭାଯାତ୍ରା ଜୟପୁରରେ ଅନୁଷ୍ଠିତ ହୋଇଛି। ରଜାନହରଛକଠାରୁ ଏହି ଶୋଭାଯାତ୍ରା ବାହାରି ବିକ୍ରମଦେବ କଲେଜ ଯାଏ ଯାଇଥିଲା। ଶୋଭାଯାତ୍ରାକୁ ଡାକ୍ତର ସ୍ୱୟଂ ଶଙ୍କର ମିଶ୍ର ପତକା ଦେଖାଇ ଉଦଘାଟନ କରିଥିଲେ। ଶୋଭାଯାତ୍ରାରେ ଆଶୁତୋଷ ପାଠୀ ମେମୋରିଆଲ ଟ୍ରଷ୍ଟ, ବ୍ଲଡ ବ୍ୟାଙ୍କ, ମାରୱାଡ଼ି ଯୁବ ମଞ୍ଚ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାଯ୍ୟ , ସୱା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀମାନେ ସାମିଲ ହୋଇଥିଲେ।




ବିଶ୍ୱ ରକ୍ତଦାତା ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା ।

### ରକ୍ତଦାନକରି ଅମୂଲ୍ୟ ଜୀବନ ବଞ୍ଚାଇବାକୁ ପରାମର୍ଶ

ଜୟପୁର,୧୪।୬ (ନି.ପ୍ର.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଜୁନିୟର ରେଡ୍‌କ୍ରସ୍ ସୋସାଇଟି ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଓ ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ଯୋଗଦାନ ଦେଇ ରକ୍ତଦାନର ଉପକାରିତା,ରକ୍ତଦାନର ବୟସସୀମା, ଏହାର ସମୟସୀମା, ରକ୍ତଦାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ପଣ୍ଡା କହିଥିଲେ, ରକ୍ତଦାନ ମହାପୁଣ୍ୟ। ସ୍ୱେଚ୍ଛାକୃତ ଭାବେ ରକ୍ତଦାନକରି ବହୁ ଅମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ନିଜେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ରକ୍ତଦାନ କରିବା ଲାଗି ଉତ୍ସାହିତ କରିବାକୁ ସେ ପରାମର୍ଶ ଦେଇଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

ପାରଳାଖେମୁଣ୍ଡି,୧୪।୬(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହର ଉପକଣ୍ଠ ତଥା ଗୋଷାଣୀ ବ୍ଲକ ଅନ୍ତର୍ଗତ ଧାମୁଣୀଗାଁ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଆନ୍ଧ୍ରର ଚାପରା ଗ୍ରାମର ଘାସି ମେଦିକା ସାହିର ରୋକାନରାଓ (୫୦)ଙ୍କ ମୃତ୍ୟୁଘଟିଛି। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ନଂ. ୧୦୯/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

# ବୈପାରିଗୁଡ଼ାରେ ଆରମ୍ଭ ହେଲା ଧାନମଣ୍ଡି

ବୈପାରିଗୁଡ଼ା,୧୪।୬ (ଡି.ଏନ୍.ଏ.)

ଚଳିତ ରବିଋତୁରେ ଅମଳ ଧାନ କ୍ରୟ ପାଇଁ ମଙ୍ଗଳବାର ବୈପାରିଗୁଡ଼ା ହାଟପଡ଼ାଠାରେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ସରପଞ୍ଚ ସୂର୍ଯ୍ୟମଣି ନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ବୈପାରିଗୁଡ଼ା ସମବାୟ ସମିତିର ପରିଚାଳକ ବଳରାମ ମାଝିଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପଞ୍ଜୀକୃତ ୧୧୨ ଜଣ ଚାଷୀଙ୍କଠାରୁ ୬ ହଜାର ୧୨୭ କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ରଖାଯାଇଛି। ଏବେ ୨ ହଜାର କୁଇଣ୍ଟାଲ ଧାନ ଉଠାଯିବ ଏବଂ ବଳକା ଧାନ ଶନିବାର ଉଠାଯିବ ବୋଲି ମାଝି କହିଥିଲେ।



ଅତିଥିମାନେ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

# ଫେରାର ୩ ଅଭିଯୁକ୍ତ ଗିରଫ







ଜୟପୁର, ୧୪।୬ (ନି.ପ୍ର.)

ଜୟପୁର ସଦର ପୋଲିସ ମଙ୍ଗଳବାର ଫେରାର ଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୁଞ୍ଜିଗୁଡାର ଅଭି ରଣା, ଉମୁରିର ଅମିତ ଦାସ ଏବଂ ଗରୁଡଗୁଡାର ତ୍ରିଲୋଚନ ଗାଦବା। ଅଭିଙ୍କ ନାମରେ ୨୦୧୭ରୁ ଏକ ଅବକାରୀ ମାମଲା ଥିଲା। ସେବେଠାରୁ ସେ ଫେରାର ଥିଲେ। ଅମିତଙ୍କ ନାମରେ ୨୦୧୨ରୁ ଏକ ଚୋରି ମାମଲା ଜୟପୁର ସଦର ଥାନାରେ ଥିଲ। ସେହିପରି ତ୍ରିଲୋଚନଙ୍କ ନାମରେ ୨୦୧୮ରୁ ଏକ ହତ୍ୟା ଉଦ୍ୟମ ମମଲା ରହିଥିଲା। ଏହି ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରାଯାଇପାରୁ ନ ଥିଲା। ଏବେ ସେମାନଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ୧୮ରୁ ଗୁଣପୁର-ପୁରୀ ଏକ୍ସପ୍ରେସ୍ ଦୁଇ ଦିନ ବନ୍ଦ

ଗୁଣପୁର,୧୪।୬(ଡି.ଏନ୍.ଏ.)

ଆସନ୍ତା ୧୮ରୁ ୨ ଦିନ ପାଇଁ ଗୁଣପୁର ପୁରୀ ଏକ୍ସପ୍ରେସ ଟ୍ରେନ ଉଭୟ ପଟୁ ବନ୍ଦ ରହିବବୋଲି ପୂର୍ବତଟ ରେଳପଥ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରାକ୍ ମରାମତି ପାଇଁ ଏହି ଟ୍ରେନ୍ ୧୮ ଏବଂ ୧୯ ତାରିଖ ଦୁଇ ଦିନ ବନ୍ଦ ରହିବ। ଏହା ଫଳରେ ୨୦ ତାରିଖ ଅର୍ଥାତ ସୋମବାର ପୁରୀରୁ ଏହି ଟ୍ରେନ ବାହାରି ରାତିରେ ଗୁଣପୁର ପହଞ୍ଚିବ। ୨୧ ତାରିଖ ମଙ୍ଗଳବାର ଦିନ ଭୋରରୁ ଗୁଣପୁର ପଟୁ ପୁରୀ ଅଭିମୁଖେ ଟ୍ରେନ ଯାତ୍ରା କରିବ। ଗତ ୪ ଏବଂ ୫ ତାରିଖ ଦୁଇ ଦିନ ଧରି ଗୁଣପୁର ପୁରୀ ଟ୍ରେନ ଚଳାଚଳ ବନ୍ଦ ଥିଲା। ଏଥି ପୂର୍ବରୁ ଗତ ୨୮ରେ ଦୁଇ ଦିନ ପାଇଁ ଗୁଣପୁର ପୁରୀ ଗୁଣପୁର ଟ୍ରେନ ଉଭୟ ପଟୁ ବନ୍ଦ ଥିଲା। ପୁରୀକୁ ଏହା ଗୋଟିଏ ଟ୍ରେନ ହୋଇଥିବାବେଳେ ଗୁଣପୁର ସହ ଗଜପତି ଜିଲାବାସୀ ଏହି ଟ୍ରେନ ଉପରେ ନିର୍ଭରକରିଥାନ୍ତି। ବାରମ୍ବାର ଏହି ଟ୍ରେନ ବନ୍ଦ କରାଯାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୪।୬ (ନି.ପ୍ର.)

ଜୟପୁର ଅବକାରୀ ବିଭାଗ ସଦର ଥାନା ଅନ୍ତର୍ଗତ ଡିମଳା ନିକଟସ୍ଥ ଜଙ୍ଗଲରେ ଚଢାଉ କର ମଦ ମଦ ବ୍ୟବସାୟୀ ଲୁଚାଇ ରଖିଥିବା ମଦ ଓ ପୋଚ ଜବତ କରି ଏହାକୁ ନଷ୍ଟ କରିଦେଇଛି। ଏହି ସମୟରେ କାରବାରେ ସମ୍ପୃକ୍ତ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରୁ ଡ୍ରମ ଓ ମଦ ରନ୍ଧା ସରଞ୍ଜାମ ଜବତ କରାଯାଇଛି।

# ଧରିତ୍ରୀ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ପକ୍ଷରୁ ରଜ ଉତ୍ସବ

କୋରାପୁଟ,୧୪।୬ (ସ୍ୱ.ପ୍ର.)

ଓଡିଶାର ଗଣପର୍ବ ରଜ ଧରିତ୍ରୀ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ପକ୍ଷରୁ କୋରାପୁଟରେ ମଙ୍ଗଳବାର ପାଳିତ ହୋଇଛି । ଜିଲା ମଙ୍ଗଳ କାର୍ଯ୍ୟାଳୟ ନିକଟରେ ଥିବା ମିଶନ ଶକ୍ତି ପରିଚାଳିତ କ୍ୟାଫେଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧରିତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେସାମିଲ ହୋଇଥିଲେ । ମଙ୍ଗଳବାର ପହିଲି ରଜ ଅବସରରେ ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ରଜ ପୋଡପିଠା, ମିଠାପାନ ସମେତ ବିଭିନ୍ନ ପ୍ରକାର ପିଠା ଓ ମିଠା ପ୍ରସ୍ତୁତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ରଜ ଉତ୍ସବ ଉଦ୍‌ଘାଟନ କରିଥିଲେ। ସେହିପରି ପହିଲି ରଜ କୋରାପୁଟ ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଆନନ୍ଦଉଲ୍ଲାସର ସହ ପାଳନ ହୋଇଛି। ସୁନାବେଡାସ୍ଥିତ ହାଲ ଓ ଦାମନଯୋଡିସ୍ଥିତ ନାଲକୋ ଶିଳ୍ପାଞ୍ଚଳରେ ରଜ ଉତ୍ସବ ମହାସମାରୋହରେ ପାଳନ ହେଉଥିବା ଦେଖିବାକୁ ମିଳିଛି।




ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଉଛି ।

# ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀଙ୍କ ରାସ୍ତାରୋକୋ

ଉମରକୋଟ,୧୪।୬(ସ୍ୱ.ପ୍ର.)

ଦିନକୁ ଦିନ ଗ୍ରୀଷ୍ମ ପ୍ରଭାବ ବଢ଼ିବାରେ ଲାଗିଛି। ଏହା କମିବାର ନାଁ ନେଉନି। ଏଥିଯୋଗୁ ଉମରକୋଟ ସହର ଓ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ବଢ଼ିବାରେ ଲାଗିଛି। ପାନୀୟ ଜଳ ଯୋଗାଣରେ ଅବହେଳା ଯୋଗୁ ଏହାର ପ୍ରତିବାଦରେ ଗ୍ରାମବାସୀ ମଙ୍ଗଳବାର ରାସ୍ତାରୋକୋ କରିବା ପରି ଘଟଣା ନଜରକୁ ଆସିଛି। ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ବଡ଼ଭରଣ୍ଡିଠାରେ ଏପରି ଘଟିଛି। ବଡ଼ଭରଣ୍ଡି ଗ୍ରାମରେ ଜଳ ଯୋଗାଣ କରୁଥିବା ଯୁବକଙ୍କ ଖାମଖିଆଲ କାର୍ଯ୍ୟ ଯୋଗୁ ଗ୍ରାମର ଗୋଟିଏ ସାହିର ଲୋକେ ପାନୀୟ ଜଳ ମୁନ୍ଦେ ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତାଙ୍କ ସାହିରେ ପାଣି ଟାଙ୍କି ନିର୍ମାଣ କରି ଜଳ ଯୋଗାଣ ପାଇଁ ଦାବି କରି ଆସୁଥିଲେ। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ନ ଦେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶତାଧିକ ମହିଳା ହାଣ୍ଡି, ମାଠିଆ ରାସ୍ତା ଉପରେ ରଖି ପ୍ରାୟ ୧ଘଣ୍ଟା ଧରି ଉମରକୋଟ – ନବରଙ୍ଗପୁର ରାସ୍ତା ଅବରୋଧ କରିଥିଲେ। ଫଳରେ ବହୁ ଗାଡିମୋଟର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଖବର ପାଇ ତହସିଲଦାର ଏନ୍, ଜଗତ ଜୀବନ ଚୌଧୁରୀ, ଥାନା ଆଇଆଇସି ନରେଶ ପ୍ରଧାନ ଓ ବିଭାଗୀୟ ଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ୪ ଦିନ ଭିତରେ ସମସ୍ୟାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଶରତ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଲେ, ବଡ଼ଭରଣ୍ଡି ଗ୍ରାମରେ ପାଣି ଟାଙ୍କି ନିର୍ମାଣ ପାଇଁ ସ୍ଥାନ ନିରୂପଣ ହେଇସାରିଛି। ଠିକାଦାରଙ୍କ ସହ ଚୁକ୍ତି ହେବା ପରେ ୨୦ ତାରିଖ ଆଡ଼କୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।



ଉତ୍ୟକ୍ତ ଲୋକମାନେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

**୪ ଦିନ ଭିତରେ ସମାଧାନ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି**

